# Akashvani, Sambalpur

## SAMBALPURI NEWS EVENING BULLETIN

## 15 November 2024- 7.02 pm- 7.12 pm.

*********************************************

୧- ଆଦିବାସୀ ମାନ୍‌କର୍ ବିକାଶ୍ ଲାଗି ସର୍‌କାର୍ ବଦ୍ଧପରିକର- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଭଗବାନ ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଅବ୍‌ସରେ ୬ ହଜାର୍ ୬ ଶହ କୋଟି ଟଙ୍କାର୍ ପ୍ରକଳ୍ପର୍ ହେଲା ଶିଲାନ୍ୟାସ୍ ଆଉ ଲୋକାର୍ପଣ ।

୨- ରାଜ୍ୟ ସର୍‌କାର୍ ଆଦିବାସୀ ପିଲାମାନ୍‌କର୍ ଶିକ୍ଷା, ସଂସ୍କୃତିକେ ବର୍‌କସ୍ କର୍‌ବାର୍ ଲାଗି ଖର୍ଚ୍ଚା କର୍‌ବେ ୧ ହଜାର୍ ୫ ଶହ ୩୫ କୋଟି ଟଙ୍କା ।

୩- ପବିତ୍ର କାର୍ତ୍ତିକ୍ ପୁନି ଅବ୍‌ସରେ ରାଏଜେ ନୌବାଣିଜ୍ୟ ପରମ୍ପରା ଅନ୍‌ସାରେ ନଦୀ ଆର୍ ବନ୍ଧ୍‌ମାନ୍‌କେ ଲୋକ୍‌ମାନେ ଭସାଲେ ଡଙ୍ଗା ।

ଆଉର୍

୪- ଦେଶେ ପାଲିତ୍ ହେଇଛେ ଶିଖ୍ ଧର୍ମଗୁରୁ ଗୁରୁନାନକ୍‌ଙ୍କର୍ ଜୟନ୍ତୀ ।

ଜନଜାତୀୟ ଗୌରବ୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ବୀର ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀକେ ଆଏଜ୍ ଦେଶେ ଜନଜାତୀୟ ଗୌରବ୍ ଦିବସ୍ ଭାବେ ପାଲନ୍ କରାଯାଇଛେ । ଭଗବାନ୍ ବିର୍ସାମୁଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଲନ୍ ଇତିହାସ୍‌ଥି ଗୁଟେ ପ୍ରମୁଖ ବ୍ୟକ୍ତିତ୍ୱ । ଆଦିବାସୀ ମାନ୍‌କର୍ ଅଧିକାର୍ ସହେତେ ରୀତିନୀତି, ସାମାଜିକ ମୂଲ୍ୟବୋଧ୍‌କେ ବିର୍ସାମୁଣ୍ଡା ଏକ୍ କରିପାରିଥିଲେ । ବିର୍ସାମୁଣ୍ଡାଙ୍କର୍ ଦେଶମାତୃକାର ଅମୂଲ୍ୟ ଅବଦାନ୍‌କେ ସବୁଦିନର୍ ଲାଗି ସୋର୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବିହାର୍‌ର ଜାମୁଇ ଠାନେ ହେଇଥିବାର୍ ଜନଜାତୀୟ ଗୌରବ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍ ଯେ, ଆଦିବାସୀ ମାନ୍‌କର୍ ବିକାଶ୍ ଲାଗି ସର୍‌କାର୍ ବଦ୍ଧ ପରିକର । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ୬ ହଜାର୍ ୬ ଶହ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଲୋକାର୍ପଣ୍ କରିଛନ୍ । ଉପସ୍ଥିତ୍ ଜନତାଙ୍କୁ ଉଦ୍‌ବୋଧନ୍ ଦେଇକରି ଶ୍ରୀ ମୋଦୀ କହିଛନ୍ ଯେ,

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଜନଜାତୀୟ ଗୌରବ୍ ଦିବସ୍-୧ ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ରାଜ୍ୟସ୍ତରୀୟ ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଆଉ ଜନଜାତୀୟ ଗୌରବ୍ ଦିବସ୍ ସମାରୋହ ନ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ବିର୍ସାମୁଣ୍ଡାଙ୍କର୍ ସଂଗ୍ରାମ୍ ଆଉ ଅବଦାନ୍‌କେ ଦେଶ୍ ଆଉ ଜାତି କେଭେ ଭୁଲି ନାଇଁପାରେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆଭାସୀ ଜରିଏ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ଆଦିବାସୀମାନ୍‌କର୍ ପୁରା ବିକାଶ୍ ଲାଗି ରାଜ୍ୟ ସର୍‌କାର୍ ସବୁ ଚେଷ୍ଟା ଜାରି ରଖିଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧ ହଜାର୍ ୫ ଶହ ୩୫ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ ।

ଇ ପ୍ରକଳ୍ପ ମାନ୍ ଆଦିବାସୀ ପିଲାମାନ୍‌କର୍ ଶିକ୍ଷା, ସଂସ୍କୃତିକେ ଆଗ୍‌କେ ନେବାର୍‌ଥି ସାହାଜ୍ କର୍‌ବା । ଜନଜାତିଙ୍କର୍ କହେବାର୍, ଲେଖ୍‌ବାର୍ ଭାଷାର୍ ସଂରକ୍ଷଣ୍ ଆର୍ ଅଗ୍ରଗତିର୍ ଲାଗି ଜନଜାତି ଭାଷା ପ୍ରତିଷ୍ଠାନ୍ ମହତ୍ୱପୂର୍ଣ୍ଣ ବିବେଚିତ ହେବା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜଙ୍ଗଲ୍ ଜମି ଅଧିକାର୍ ଆଇନ୍ ବଲେ ରାଜ୍ୟର୍ ୮ ଟା ବିଶେଷ୍ ଅନୁନ୍ନତ ଜନଜାତି - ପି.ଭି.ଟି.ଭି. ଙ୍କୁ ବସବାସର ଅଧିକାର୍ ପ୍ରଦାନ୍ କର୍‌ବାର୍ ସହେତେ ସର୍ବଭାରତୀୟ ସ୍ତର୍ ନ ରେକର୍ଡ଼ ଆଏ ବଲି କହିଥିଲେ । ଆଦିବାସୀ ଛାତ୍ରଛାତ୍ରୀମାନ୍‌କର୍

ଡ୍ରପ୍‌ଆଉଟ୍ ହାର୍‌କେ ରୁକ୍‌ବାର୍ ଲାଗି ମାଧୋସିଂ ହାତଖର୍ଚ୍ଚ ଯୋଜନା ପ୍ରଣୟନ ହେବାର୍‌କେ ଯାଉଛେ । ହେନ୍ତା ଆଦିବାସୀ ଇଲାକା ନ ହଷ୍ଟେଲ୍ ତିଆରି, ସିଡ୍ୟୁଲ୍ ଇଲାକା ନ ପେଶା ଆଇନ୍ ଲାଗୁ କର୍‌ବାର୍ ଆଉ ଗ୍ରାମସଭା ମାନ୍‌କୁ ସକ୍ରିୟ କର୍‌ବାର୍ ଲାଗି ଭିଲ୍ ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନଉଛନ୍ ବଲି ସେ କହିଥିଲେ ।

ଜନଜାତୀୟ ଗୌରବ୍ ଦିବସ୍-୨ସମ୍ବଲପୁର/ବୌଦ୍ଧ/ଦେବ୍‌ଗଡ଼୍ /ନୂଆପଡ଼ା

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗବାନ୍ ବୀର ବୀର୍ସା ମୁଣ୍ଡାଙ୍କର୍ ଜନ୍ମ ଜୟନ୍ତୀ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପାଲନ୍ କରାଯାଉଛେ । ଜନଜାତୀୟ ଗୌରବ୍ ଦିବସ୍ ଅବ୍‌ସରେ ଧର୍‌ତୀ ଆବା ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ସମ୍ବଲ୍‌ପୁର୍ ସହରର୍ ଭିନ୍ ଭିନ୍ ଜାଗା ନ ସାଂସ୍କୃତିକ୍ ଶୋଭାଯାତ୍ରା ମାନ୍ ବାହାରିକରି ଅଇଁଠାପାଲି ଛକ୍ ବିର୍ସାମୁଣ୍ଡାଙ୍କର୍ ପ୍ରତିମୂର୍ତ୍ତି ନ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

ସେନ୍ତା ଜିଲ୍ଲାର୍ କୁଚିଣ୍ଡା କଲେଜ୍ ପଡ଼ିଆ ଠାନେ ଗୁଟେ ସଭାଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍ ଅଧ୍ୟକ୍ଷତା କରିଥିଲେ । ଇଥି ପଂଚାୟତ୍‌ରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ

ରବିନାରାୟଣ୍ ନାୟକ୍ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇଥିଲେ । ଇନ ଜଙ୍ଗଲ ଜମିର୍ ଅଧିକାର୍ ଆଇନ୍‌ଥି ଜମିପଟ୍ଟା, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍‌ଥି ଯୁବ ଉଦ୍ୟୋଗୀମାନ୍‌କୁ ଚେକ୍ ଦିଆଯାଇଥିଲା ।

ବୌଦ୍ଧ ଟାଉନ୍ ହଲ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ କୁନୁଆଁ ଭାବେ ଯୋଗ୍ ଦେଇଥିଲେ । ଇ ଉଲ୍‌ଗୁନେ ସ୍ୱଚ୍ଛତା ଅଭିଯାନ୍ ଆଉ ଆଧାର୍‌କାର୍ଡ୍, ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା ।

ଦେବ୍‌ଗଡ଼୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଗୁଟେ ସଭାଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ସଭାପତିତ୍ୱ କରିଥିଲେ । ଇଥି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖିଆ କୁନୁଆଁ, ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ କୌଶିକ୍ କୁମାର୍ ପ୍ରଧାନ୍ ମାଏନ୍‌ତା କୁନୁଆଁ ଭାବେ ଯୋଗ୍ ଦେଇଥିଲେ । ଇ ଦିବସ୍ ଉଲ୍‌ଗୁନେ ଜନଜାତୀୟ ଲୋକ୍‌ମାନେ ସେମାନ୍‌କର୍ ସଂସ୍କୃତି ଆଉ ଇତିହାସ୍‌କେ ସମ୍ମାନ୍ ଦେବାର୍ ସୁଯୋଗ୍ ଆନିଛେ ବଲି ମନ୍ତ୍ରୀ ତାଙ୍କର୍ ବକ୍ତବ୍ୟଥି କହିଥିଲେ ।

ନୂଆପଡ଼ା ଜିଲ୍ଲା କୋମ୍‌ନା ଠାନେ ହେଇଥିବାର୍ କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ରାଜେନ୍ଦ୍ର କୁମାର୍ ଡୋଲ୍‌କିଆ ବିକାଶ୍ ଜରିଏ ଜନଜାତି ସମାଜ୍ ସାମାଜିକ ମୁଖ୍ୟସ୍ରୋତଥି ସାମିଲ୍

ହେଇପାର୍‌ବେ ବଲି କହିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଅଧ୍ୟକ୍ଷତା କରିଥିଲେ ।

ବଲାଙ୍ଗିର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଉଲ୍‌ଗୁନେ ଜନଜାତି ବର୍ଗର୍ ଶହେ ଝନ୍‌କୁ ଜଙ୍ଗଲ୍ ଜମି ପଟ୍ଟା ଦିଆଯାଇଥିଲା । ଇଥି ସାଂସଦ୍ ନିରଞ୍ଜନ୍ ବିଶି, ବିଧାୟକ୍ କଲିକେଶ୍ ନାରାୟଣ୍ ସିଂହଦେଓ ଆର୍ ଲକ୍ଷ୍ମଣ୍ ବାଗ୍ କୁନୁଆଁ ଭାବେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୮ ତାରିଖ୍ ଆର୍ ୨୫ ତାରିଖ୍ ଦିନ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ଦିନ୍‌ମାନ୍‌କେ ଭୁବ୍‌ନେଶ୍ୱର୍ ନ ୟୁନିଟ୍ -୫ ଅଭିଯୋଗ୍ ପ୍ରକୋଷ୍ଠ ଜନଅଭିଯୋଗ୍ ଶୁଣାରି ନାଇଁ ହୁଏ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପୁରୀ ଶ୍ରୀମନ୍ଦିର୍- ଚାର୍‌ହିଦୁଆର ଖୁଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍‌ଠାନୁ ଚାର୍‌ହି ଦୁଆର ଦେଇକରି ଭକ୍ତ ଆର୍ ଶ୍ରଦ୍ଧାଳୁମାନେ ଆଘର୍ ବାଗିର୍ ପ୍ରବେଶ୍ କରିପାର୍‌ବେ । ହେଲେ ମନ୍ଦିର୍‌ନୁ ବାହାର୍‌ଲା ସମିଆଥି ସିଂହଦୁଆର ଛାଡ଼ିକରି ଅଲ୍‌ଗା ତିନ୍‌ହି ଦୁଆର୍ ବାଟେ ବାହାର୍‌କେ ଆସିପାର୍‌ବେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ କୁହାଯାଇଛେ । ହେଲେ ସେବାୟତ୍ ଆଉ ସେମାନ୍‌କର୍ ପରିବାର୍ ବର୍ଗ ସବୁ ଦ୍ୱାର ଦେଇକରି ଯା’ଆସ୍ କରିପାର୍‌ବେ । ସେନ୍ତା ନାଟମଣ୍ଡପ୍ ଠାନେ ଭକ୍ତଙ୍କର୍ ଦର୍ଶନ୍ ବ୍ୟବସ୍ଥା ନେଇକରି ବିଚାର୍‌ବିମର୍ଶ କରାଯାଉଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ କୁହାଯାଇଛେ ।

କାର୍ତିକ୍ ପୁନି ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସାରା ରାଏଜେ ପବିତ୍ର କାର୍ତିକ୍ ପୁନି ପାଲିତ୍ ହଉଛେ । ଗଲା ରାଏତ୍‌ସାରା ଜାଗାଜାଗା ଭଜନ୍, କୀର୍ତନ୍ ହେଇଥିବାର୍ ବେଲେ ଆଏଜ୍ ଝୁଲ୍‌ପୁଲୁ ସାରା ରାଏଜେ ଲୁକେ ନଏଦ୍, ବନ୍ଧ୍ ଆର୍ କଟାମାନ୍‌କୁ ବୁଡ଼ ପକେଇକରି ଗୁଡ଼ି ଆର୍ ମନ୍ଦିର୍‌ମାନ୍‌କୁ ଯାଇକରି ଦେ’ଦେବ୍‌ତାଙ୍କର୍ ଦର୍ଶନ୍ କରିଛନ୍ । ହେତାର୍‌ସାଙ୍ଗେ

ଓଡ଼ିଶାର୍ ପୂର୍ବାପାଡିର୍ ନୌବାଣିଜ୍ୟକେ ସୁର୍ତା କରିକରି ଲୁକେ ନଏଦ୍, ବନ୍ଧ୍ ଆର୍ ଜୋର୍‌ମାନ୍‌କୁ କଦେଲ୍ ପଟୁଆ, କାଗଜ୍ ଆର୍ ସୋଲ୍‌ଥି ତିଆରି ଡଙ୍ଗା ଭସେଇଛନ୍ । ସେନ୍ତା ଧରମ୍ ମାସ୍ କାର୍ତିକ୍‌ର ଉଜଲ୍‌ପଖର୍ ଏକାଦଶୀ ନୁ ପୁନି ତକ୍ ହେଉଥିବା ପଂଚକ୍ ବ୍ରତ ଆଏଜ୍ ଶେଷ୍ ହେଇଛେ ।

କାର୍ତିକ୍ ପୁନି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନେ ରାଜରାଜେଶ୍ୱର - ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ହେଥିର୍‌ଲାଗି ଶ୍ରୀମନ୍ଦିର୍ ନ ଶ୍ରଦ୍ଧାଳୁଙ୍କର୍ ଖୋବ୍ ଭିଡ଼୍ ହେଇଛେ । ସେଆଡ଼େ ଆଏଜ୍ ଝୁଲ୍‌ପୁଲୁ ୫ ଲାଖ୍‌ନୁ ଅଏତ୍‌କା ଶ୍ରଦ୍ଧାଳୁ ମହୋଦଧି ସଙ୍ଗେ ଶ୍ୱେତଗଙ୍ଗା, ନରେନ୍ଦ୍ର, ମାର୍କଣ୍ଡେୟ ଆର୍ ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀ ନ ବୁଡ଼୍ ପକେଇଥିଲେ ।

କାର୍ତିକ୍‌ପୁନି-୧/ଆର୍‌ଏନ୍‌ୟୁ

ସମ୍ବଲପୁର୍/ଦେବ୍‌ଗଡ଼୍/ବୌଦ୍ଧ/ବଲାଙ୍ଗିର୍/ନୂଆପଡ଼ା/ସୁବର୍ଣ୍ଣପୁର୍

ସମ୍ବଲ୍‌ପୁର୍ ସହର୍ ସହେତେ ଜିଲ୍ଲାର୍ ସବୁଆଡ଼େ କାର୍ତିକ୍ ପୁନି-ରାସ ପୁନି ପାଲିତ୍ ହେଉଛେ । ପହପହନୁ ସମ୍ବଲପୁରର୍ ମହାନଦୀ ଘାଟ୍‌ମାନ୍‌କୁ ଲୁକ୍‌କର୍ ଭିଡ଼୍ ଜମିଥିଲା । ଛୋଟ୍ ଛୁଆନୁ ସିଆନ୍ ଲୋକ୍‌ତକ୍ ସଭେ ନଦୀ ଆର୍ ବନ୍ଧ ମାନ୍‌କୁ କଦେଲ୍‌ପଟୁଆ, କାଗଜ୍ ଆର୍ ସୋଲ୍‌ଥି ତିଆରି ଡଙ୍ଗାଥି ଦୀପ୍

ଜାଲିକରି ଭସେଇଥିଲେ । ସହରର୍ ମନ୍ଦିର୍ ମାନ୍‌କୁ ଶ୍ରଦ୍ଧାଳୁଙ୍କର୍ ଭିଡ୍ ହେଇଥିଲା । ଜାଗା ଜାଗା ହେଇଥିବା ନାମ୍‌ଯଜ୍ଞ ଆଏଜ୍ ବଢ଼ିଥିଲା । ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର୍ ନ ଚତୁର୍ଦ୍ଧା ମୂର୍ତି ରାଜରାଜେଶ୍ୱର୍ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଇଥିଲେ । ଜିଲ୍ଲାର୍ କୁଚିଣ୍ଡା ପାଖର୍ ଶଗଡ଼ା ଆର୍ ଯୁଯୁମୁରା ପାଖର୍ ଡଙ୍ଗାପାଲ୍ ନ ରାସ୍‌ପୁନି ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ ।

ଦେବ୍‌ଗଡ୍ ସହର୍‌ର ଗୋହିରିବନ୍ଧ ନ ଲୁକେ ଡଙ୍ଗା ଭସେଇଥିଲେ । ଇତାର୍‌ସଙ୍ଗେ ଦେବ୍‌ଗଡ୍ ସହର୍ ଆର୍ ଜିଲ୍ଲାର୍ ଭିନ୍ ଭିନ୍ ମନ୍ଦିର୍‌ମାନ୍‌କୁ ଭକ୍ତମାନ୍‌କର୍ ଭିଡ୍ ହେଇଥିଲା ।

ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାଡ଼ି ପୀଠ, ରାମେଶ୍ୱର୍ ପୀଠ ସହେତେ ଦେ'ଦେବ୍‌ତାଙ୍କର୍ ମନ୍ଦିର୍‌ଥି ଭକତ୍‌ମାନ୍‌କର୍ ଭିଡ୍ ଦେଖିବାର୍‌କେ ମିଲିଥିଲା ।

କାର୍ତିକ୍ ପୁନି ଅବ୍‌ସରେ ବଲାଙ୍ଗିର୍ ଜିଲ୍ଲାର୍ ହରିଶଙ୍କର୍ ଶୈବପୀଠ ନ ହଜାର୍ ହଜାର୍ ଶ୍ରଦ୍ଧାଳୁ ପାପନାଶିନୀ ଝର୍‌ନା ନ ବୁଡ୍ ପକେଇକରି ହରିହରଙ୍କର୍ ଦର୍ଶନ୍ କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ମହାନଦୀ, ତେଲ୍ ଆର୍ ଅଙ୍ଗ୍ ଆଉ ହରିହର୍‌ଜୋର୍ ସହେତେ ଭିନ୍ ଭିନ୍ ଜାଗା ନ ଲୁକେ ଡଙ୍ଗା ଭସେଇଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲାର୍ ସୁନ୍ଦର୍, ଉଦନ୍ତୀ ଆର୍ ଜୋଙ୍କ୍ ନଦୀ ନ ଲୁକେ ଡଙ୍ଗା ଭସେଇଥିଲେ ।

ଗୁରୁନାନକ୍ ଦେବ୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଶିଖ୍ ଧର୍ମର୍ ସଂସ୍ଥାପକ ଆର୍ ପହେଲା ଗୁରୁ ଗୁରୁନାନକ୍ ଦେବ୍‌ଙ୍କର୍ ଜୟନ୍ତୀ । ସାରା ଭାରତ୍ ସହେତେ ପୁର୍‌ଥିର୍ ଭିନ୍ ଭିନ୍ ଜାଗା ନ ଗୁରୁନାନକ୍ ଦେବ୍‌ଙ୍କର୍ ଜୟନ୍ତୀକେ ପ୍ରକାଶ୍ ପରବ୍ ଭାବେ ପାଲନ୍ କରାଯାଇଛେ । ସମ୍ବଲ୍‌ପୁରର୍ ମୁଦିପଡ଼ା, ପାଂଚ୍‌ଗଛିଆ ଆର୍ ତିଓ୍ୱାରୀ ଗଲିର୍ ଗୁରୁଦ୍ୱାରା ନ ପ୍ରକାଶ ପରବ୍ ପାଲନ୍ କରାଯାଇଥିଲା ।

ପବିତ୍ର ଶିଖ୍ ଧର୍ମର୍ ପ୍ରତିଷ୍ଠାତାଙ୍କର୍ ଜନ୍ମଦିନ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର୍ ବାର୍ତାଥି କହିଛନ୍ ଯେ, ଗୁରୁନାନକ ଙ୍କର୍ ଜୀବନ ଆଦର୍ଶ ମାନବ ସମାଜ୍‌ର ଜୀବନ୍‌କେ ଏକତା ଆଉ ସମାନତାର ଭାବନା ଦିଗେ ପ୍ରୋତ୍ସାହିତ କରିଛେ ।

ଇ ଉଲ୍‌ଗୁନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଖ୍ ଭାଇ ବହେନ୍‌ମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍ ଯେ, ଗୁରୁନାନକ୍‌ଙ୍କର୍ ଶିକ୍ଷା ମାନବ ସମାଜ୍‌କେ କରୁଣା, ଦୟା ଆଉ ବିନମ୍ରତାର ଭାବନାଥି ପ୍ରେରିତ କର୍‌ସି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ବାର୍ତାଥି କହିଛନ୍ ଯେ,

ଗୁରୁନାନକ୍ ଦେବ ସମାଜ୍‌ଥି ଭେଦଭାବ, ଅଜ୍ଞାନତା ଆଉ ମନ୍ଦ ବିଚାର୍ ବିରୋଧ୍ ନ ସ୍ୱର ଉତୋଲନ୍ କରିଥିଲେ ।

ତାଙ୍କର୍ ଜୀବନ୍ ଆଦର୍ଶ ମୁନ୍ଷ ସମାଜ୍ଥି ଶାନ୍ତିପ୍ରତିଷ୍ଠା, ମାନବିକତା ଆଉ ଭ୍ରାତୃଭାବର ପ୍ରତୀକ ଆଏ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।